# ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ, ବାଲେଶ୍ୱର

ଜ୍ଞାପକ ସଂଖ୍ୟା 4655　　　　　　ତାରିଖ 14.12.22

## ଦୋକାନ ଗୃହ ଆବଣ୍ଟନ ନିମନ୍ତେ ବିଜ୍ଞାପନ

ଏତଦ୍ୱାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ସଂଲଗ୍ନ ଦକ୍ଷିଣପାର୍ଶ୍ୱ ପାଚେରୀକୁ ଲାଗି ନିର୍ମିତ ହୋଇଥିବା ୩ ଗୋଟି କୋଠରୀକୁ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ମାସିକ ଭଡା ସୂତ୍ରରେ ଲଟେରୀ ପ୍ରକ୍ରିୟା ମାଧ୍ୟମରେ ଆବଣ୍ଟନ କରାଯିବ । ଏଥିନିମନ୍ତେ ତା୧୫-୧୨-୨୦୨୨ ରିଖ ଠାରୁ ତା ୨୨-୧୨-୨୦୨୨ରିଖ ମଧ୍ୟରେ ଆବେଦନକାରୀ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିବେ। ଲଟେରୀ ଉଠାଣ ସମୟରେ ଆବେଦନ ବ୍ୟକ୍ତି ନିଜେ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିବେ। ଯଦି କୌଣସି ଆବେଦନ କାରୀ ଉପସ୍ଥିତ ନ ଥିବେ, ତେବେ ମଧ୍ୟ ଉପରୋକ୍ତ ଲଟେରୀ ଉଠାଣ କରାଯାଇପାରିବ । ଦୋକାନ କୋଠରି ଗୁଡିକର ଲମ୍ବ ଓ ପ୍ରସ୍ଥ ଯଥାକ୍ରମେ:-

୧। ଦ୍ୱିତୀୟ କୋଠରୀ- ଲମ୍ବ ୧୬'୯''* ପ୍ରସ୍ଥ ୧୦''୭''

୨। ତୃତୀୟ କୋଠରୀ – ଲମ୍ବ ୧୬'୯''* ପ୍ରସ୍ଥ ୧୧''୩'

୩। ଚତୁର୍ଥ କୋଠରୀ – ଲମ୍ବ ୧୬'୯''* ପ୍ରସ୍ଥ ୧୧'' ୦''

## ସର୍ତ୍ତାବଳୀ

୧- ପୌର ପାଳିକାର କୌଣସି କର୍ମଚାରୀ କିମ୍ବା ସେମାନଙ୍କର ପରିବାର ର ସଦସ୍ୟ ଆବେଦନ କରି ପାରିବେ ନାହିଁ ।

୨- ଆସନ୍ତା ତ ୧୫-୧୨-୨୦୨୨ ରିଖ ଠାରୁ ତା ୨୨-୧୨-୨୦୨୨ ରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ପୌର କାର୍ଯ୍ୟାଳୟର କାର୍ଯ୍ୟ ଦିବସ ସମୟ ସୀମା ମଧ୍ୟରେ ୨୦୦/- (ଦୁଇ ଶତ) ଟଙ୍କା ପଇଠ କରି ନିର୍ଦ୍ଧାରିତ ଆବେଦନ ଫର୍ମ କ୍ରୟ କରି ଉପରୋକ୍ତ ସମୟ ସୀମା ମଧ୍ୟରେ ଆବେଦନ କରିପାରିବେ । ଫର୍ମ ସହିତ ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ନକଲ କପି ସଂଲଗ୍ନ କରିବେ। ଉକ୍ତ କୋଠରୀ ଆବଣ୍ଟନ ନିମନ୍ତେ ଲଟେରୀ ତା ୨୩-୧୨-୨୦୨୨ ରିଖ ଅପରାହ୍ନ ୩ ଘଟିକା ସମୟରେ ଅନୁଷ୍ଠିତ ହେବ।

୩- ପ୍ରତ୍ୟେକ ଦୋକାନ କୋଠରୀ ପାଇଁ ମାସିକ ଟା ୮୦୦.୦୦ଙ୍କା(ଆଠ ଶତ) ଭଡା ଧାର୍ଯ୍ୟ ଅଛି।

୪- ଲଟେରୀରେ ସଫଳତା ହାସଲ କରିଥିବା ବ୍ୟକ୍ତି ଏକ ବର୍ଷ ପାଇଁ ଅଗ୍ରୀମ ଭଡା ଟ. ୯,୬୦୦ ଙ୍କା ଏକକାଳୀନ ପୌର ତହବିଲରେ ପଇଠ କରିବା ହେବେ।

୫-ପ୍ରତ୍ୟେକ ଦୋକାନ କୋଠରୀ ପାଇଁ ଟ. ୨୦,୦୦୦ଙ୍କା(କୋଡିଏ ହଜାର) ସିକ୍ୟୁରୀଟି ଜମା ବ୍ୟାଙ୍କ ଡ୍ରାଫ୍ଟ କରିଆରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଆବେଦନ ଫର୍ମ ସହିତ ପୌର ତହବିଲରେ ପଇଠ କରିବା ବାଧ୍ୟତାମୂଳକ ଅଟେ। ନଚେତ ତାଙ୍କର ଆବେଦନ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୬- ଦୋକାନ ଗ୍ରହିତା ଉପରୋକ୍ତ ସର୍ତ୍ତ ସହିତ ଅନ୍ୟାନ୍ୟ ସର୍ତ୍ତ ଆରୋପିତ ସମ୍ମତି ପତ୍ର( AGREEMENT) ସମ୍ପାଦନ କରିବାକୁ ବାଧ ରହିବେ ।

୭- ଦୋକାନ ଗ୍ରହିତା ମାସିକ ଭଡା ପୌର ତହବିଲରେ ଠିକ ସମୟରେ ପଇଠ କରିବେ ।

୮- ପୌର ଅଧିକାରୀଙ୍କ ବିନା ଅନୁମତିରେ ଦୋକାନ କୋଠରୀ ମରାମତି, ସଂପ୍ରସାରଣ କିମ୍ବା ଅନ୍ୟକୁ ହସ୍ତାନ୍ତର କରିପାରିବେ ନାହିଁ ।

୯- ସମୟ ଅନୁଯାୟୀ ନିର୍ଦ୍ଧାରିତ ନିୟମାବଳୀ ପରିବର୍ତ୍ତିତ ହେଲେ ଦୋକନ ଗ୍ରହିତା ମାନିବାକୁ ବାଧ ରହିବେ ।

୧୦- ଦୋକନ ଗ୍ରହିତା ମାସିକ ବିଦ୍ୟୁତ ଦେୟ ନିଜ ତରଫରୁ ପଇଠ କରିବେ ।

୧୧- ଆବଶ୍ୟକ ସ୍ଥଳେ ନୋଟିସ ପାଇବାର ୧୫ ଦିନ ମଧରେ ଦୋକନ ଗୃହ ଛାଡିବାକୁ ବାଧ ରହିବେ ।

୧୨- ପ୍ରତ୍ୟେକ ଆବେଦନ ପତ୍ର ବନ୍ଦ ଲଫାପାରେ ଶେଷ ତାରିଖ ସୁଦ୍ଧା ନିର୍ବାହୀ ଅଧିକାରୀଙ୍କ ପାଖେ ପହଞ୍ଚିବା ଆବଶ୍ୟକ ଏବଂ ଲଫାପା ଉପରେ କେଉଁ କୋଠରୀ ପାଇଁ ଆବେଦନ କରିଛନ୍ତି ତାହା ଦର୍ଶାଇବେ ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ପରିପତ୍ର ସଂଖ୍ୟା 8656 ତାରିଖ 15.12.22

ଏହାର ଏକକିତା ନକଲ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାର, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଜନ ସାଧାରଣଙ୍କ ସୂଚନା ନିମନ୍ତେ ଦୈନିକ ଦୁଇଟି ଓଡିଆ ଖବର କାଗଜରେ ବାଲେଶ୍ୱର ପୌରପାଳିକାର ତିନୋଟି ଦୋକାନ ଘରର ନିଲାମ ନିମନ୍ତେ ସର୍ବ ନିମ୍ନ ଆକାରରେ ଥରେ ମାତ୍ର ପ୍ରକାଶ କରାଇବା ହେବେ। ଏଥିନିମନ୍ତେ ସମସ୍ତ ସୂଚନା ପାଇଁ ବାଲେଶ୍ୱର ପୌରପାଳିକାର ୱେବସାଇଟ www.balasoremunicipality.in ଏବଂ ବାଲେଶ୍ୱର ଜିଲ୍ଲା ୱେବସାଇଟ http//: baleswar.nic.in ଦେଖିବା ପାଇଁ ଆବେଦନକାରୀଙ୍କୁ ଉକ୍ତ ପ୍ରକାଶନ ମାଧମରେ ଜଣାଇବା ସହିତ ପ୍ରକାଶିତ ଦୈନିକ ଖବର କାଗଜର କପି ଉକ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ଅନୁରୋଧ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ପରିପତ୍ର ସଂଖ୍ୟା 8657 ତାରିଖ 15.12.22

ଏହାର ଏକକିତା ନକଲ ଜିଲ୍ଲାପାଳ, ବାଲେଶ୍ୱର/ ଉପ ଜିଲ୍ଲାପାଳ, ବାଲେଶ୍ୱର/ ତହସିଲଦାର, ବାଲେଶ୍ୱର/ ସବରେଜିଷ୍ଟ୍ରାର, ବାଲେଶ୍ୱର/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତବିଭାଗ, ବାଲେଶ୍ୱର/ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବାଲେଶ୍ୱର/ ବ୍ଲକ ଉନ୍ନୟନ ଅଧିକାରୀ , ସଦର , ବାଲେଶ୍ୱର/ ଆଞ୍ଚଳିକ ପରିବହନ ଅଧିକାରୀ, ବାଲେଶ୍ୱର / ଜିଲ୍ଲା ଶ୍ରମ ନିୟୋଜନ ଅଧିକାରୀ, ବାଲେଶ୍ୱର/ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବାଲେଶ୍ୱର / ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱରଙ୍କ ବିହୀତ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲାକି, ସେମାନେ ଉକ୍ତ ବିଜ୍ଞାପନକୁ ସେମାନଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରଦର୍ଶନ କରାଇବା ହେବେ ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା